# ଉପକୂଳ ଜଳଜୀବ ପ୍ରାଧିକରଣ ଅଧିନିୟମ (ସଂଶୋଧନ) ବିଲ୍, ୨୦୨୨

**ଉପକ୍ରମ:** ଦେଶରେ ଜଳଜୀବ କାର୍ଯ୍ୟକଳାପର ବିକାଶ ଏବଂ କାର୍ଯ୍ୟକୁ ପରିବେଶ ଅନୁକୂଳ ସ୍ଥାୟୀ ଉତ୍ପାଦନ ହାସଲ ପାଇଁ ବୈଜ୍ଞାନିକ ନୀତି ଉପରେ ନିୟନ୍ତ୍ରିତ ଏବଂ ପରିଚାଳନା କରାଯିବା ଆବଶ୍ୟକ । ଦେଶର ଉପକୂଳବର୍ତୀ ଅଂଚଳରେ ଉପକୂଳ ଜଳଜୀବପାଳନ ସହିତ ଜଡ଼ିତ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାକୁ ଉପକୂଳ ଜଳଜୀବ ପ୍ରାଧିକରଣ ପ୍ରତିଷ୍ଠା ପାଇଁ ସଂସଦ ଦ୍ଵାରା ଉପକୂଳ ଜଳଜୀବ ପ୍ରାଧିକରଣ ଅଧିନିୟମ, ୨୦୦୫ (ସିଏଏ ଅଧିନିୟମ, ୨୦୦୫) ପ୍ରଣୟନ କରାଯାଇଛି । ଏହା ଲାଗୁ ହେବାର ବିଗତ ୧୭ ବର୍ଷ ମଧ୍ୟରେ, ଏହି ନିୟମ ଦେଶରେ ଉପକୂଳ ଜଳଜୀବ ନିୟନ୍ତ୍ରିତ ଅଭିବୃଦ୍ଧି ଏବଂ ବିକାଶକୁ ସକ୍ଷମ କରିଥିଲା । ଏହା ପରବର୍ତୀ ସମୟରେ ଲକ୍ଷ ଲକ୍ଷ ନିଯୁକ୍ତି ସୃଷ୍ଟି, ଆତ୍ମ ନିଯୁକ୍ତି ସୁଯୋଗ, ଜୀଳଜୀବପାଳନ କରୁଥିବା କୃଷକଙ୍କ ବର୍ଦ୍ଧିତ ଆୟ, ଜଳଜୀବ କ୍ଷେତ୍ରରେ ବ୍ୟବସାୟ ଏବଂ ଉଦ୍ୟୋଗର  ଅଭିବୃଦ୍ଧି ପାଇଁ ଏକ ସୁବିଧାଜନକ ସହାୟତା ଶିଳ୍ପର ବିକାଶକୁ ସହଜ କରିଛି । ଆଜି ଭାରତ ହଜାର ହଜାର କୋଟି ଟଙ୍କାରେ ଚାଲୁଥିବା ବିଶ୍ଵର କ୍ଷାର ଜଳଜାତ ଦ୍ରବ୍ୟର ଅଗ୍ରଣୀ ଉତ୍ପାଦକ ଏବଂ ରପ୍ତାନିକାରୀ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ ।

ଏକ ଭଲ ନିୟମ ପ୍ରଗତିଶୀଳ ହେବା ଉଚିତ ଏବଂ ହିତାଧିକାରୀଙ୍କ ବିକାଶମୂଳକ ଆକାଂକ୍ଷାକୁ ପୂରଣ କରିବା ପାଇଁ ସମୟ ସହିତ ବିକଶିତ ହେବା ଉଚିତ୍ । ସିଏଏ ଅଧିନିୟମ ୨୦୦୫ କାର୍ଯ୍ୟକାରୀ ହେବା ପରଠାରୁ ବହୁ ହିତାଧିକାରୀ ବିଭିନ୍ନ ସମୟରେ ପଞ୍ଜିକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ଓ ଶୀଘ୍ର ପଞ୍ଜିକରଣ କରିବା ସହିତ ଅଧିନିୟମରେ ଥିବା କଷ୍ଟକର ନିୟମାବଳୀ ଗୁଡ଼ିକୁ ହଟାଇବା ପାଇଁ ଆବେଦନ ପତ୍ର ପ୍ରଦାନ କରିଛନ୍ତି । ତେଣୁ ଜନସାଧାରଣଙ୍କ ସ୍ଵାର୍ଥରେ, ନିୟାମକରେ ଥିବା ତ୍ରୁଟି ଗୁଡ଼ିକର ପୁନର୍ବିଚାର କରି ନିୟାମକ ଭାର ହ୍ରାସ କରିବାର ଲକ୍ଷ୍ୟ ସହିତ ବିଭାଗୀୟ ଆବଶ୍ୟକତା ଅନୁଯାୟୀ ଆଇନରେ ଉପଯୁକ୍ତ ସଂଶୋଧନ ପ୍ରସ୍ତାବ ଦେବା ସିଏଏ ଅଧିନିୟମ, ୨୦୦୫ ର ପୁନଃ ସମୀକ୍ଷାର ଆବଶ୍ୟକତାକୁ ଅନୁଭବ କରାଯାଇଛି । ଅପରାଧ ଓ ଜରିମାନା, ଅପରାଧ ଗୁଡ଼ିକର ନିରପରାଧୀକରଣ, ଉପକୂଳ ଜୀବପାଳନ କ୍ଷେତ୍ରରେ ଥିବା ଶୂନ୍ୟସ୍ଥାନକୁ ହଟାଇବା, ଅସୁବିଧାକୁ ହଟାଇବା ଏବଂ ବ୍ୟବସାୟ ସହଜ କରିବା ସହିତ ଆଇନର ପ୍ରଭାବଶାଳୀ କାର୍ଯ୍ୟକାରିତା ପାଇଁ ପ୍ରକ୍ରିୟାଗୁଡ଼ିକୁ ସରଳ କରିବା । ସେହି ଅନୁଯାୟୀ ଉପକୂଳ ଜଳଜୀବ ପାଳନ ପ୍ରାଧିକାରୀ ନିୟମ, ୨୦୦୫ ରେ ସଂଶୋଧନ ପ୍ରସ୍ତୁତ କରାଯାଇଛି ଏବଂ ଉପକୂଳ

ଜଳଜୀବପାଳନ ଅଥରଟି ଆକ୍ଟ (ସଂଶୋଧନ) ବିଲ୍, ୨୦୨୨ ହିତାଧିକାରୀ ଏବଂ ସାଧାରଣ ଜନତାଙ୍କ ମତାମତ ପାଇଁ ସର୍ବସାଧାରଣ ଡୋମେନ(ଭାରତ ମତ୍ସ୍ୟ ବିଭାଗର ୱେବସାଇଟ୍ ଏବଂ ଉପକୂଳ ଜଳଜୀବ ପ୍ରାଧିକରଣ ୱେବସାଇଟ୍)ରେ ସ୍ଥାନିତ ହୋଇଛି ।

## ଅଧିନିୟମରେ ପ୍ରସ୍ତାବିତ ମୁଖ୍ୟ ସଂଶୋଧନଗୁଡ଼ିକର ତାଲିକା

### "କାର୍ଯ୍ୟକଳାପ କିମ୍ବା କାର୍ଯ୍ୟକଳାପଗୁଡ଼ିକ" ଶବ୍ଦ ଓ "କୃଷି କ୍ଷେତ୍ର କିମ୍ବା କୃଷିକ୍ଷେତ୍ର ଗୁଡ଼ିକ" ଶବ୍ଦର ସଂଜ୍ଞା ଏବଂ ପ୍ରତିସ୍ଥାପନର ବିସ୍ତୃତ ଅନ୍ତର୍ଭୁକ୍ତ ।

ଏହାର ସ୍ଥାୟୀ ବିକାଶ ପାଇଁ ଉପକୂଳ ଜଳଜୀବପାଳନ କ୍ଷେତ୍ରର ସମସ୍ତ ଉର୍ଦ୍ଧ୍ୱଧାର ଏବଂ କାର୍ଯ୍ୟକଳାପକୁ ଆଚ୍ଛାଦନ କରିବା ପାଇଁ ଏହା ବର୍ତ୍ତମାନର ରୂପରେ ଉପକୂଳ ଜଳଜୀବପାଳନ 'ଫାର୍ମ' ବାହାରେ ସିଏଏ ଅଧିନିୟମର ପରିସରକୁ ବିସ୍ତାର କରିବାକୁ ଉଦ୍ଦିଷ୍ଟ । ତେଣୁ "କୃଷି କ୍ଷେତ୍ର କିମ୍ବା କୃଷିକ୍ଷେତ୍ର ଗୁଡ଼ିକ" ଶବ୍ଦକୁ "କାର୍ଯ୍ୟକଳାପ କିମ୍ବା କାର୍ଯ୍ୟକଳାପ ଗୁଡ଼ିକ" ଶବ୍ଦ ସହିତ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଛି । ଏଥିସହ, ବର୍ତ୍ତମାନର ଆବଶ୍ୟକତା ଅନୁଯାୟୀ ସଂଜ୍ଞାକୁ ଆଗ ପଛ କରି ବର୍ତ୍ତମାନର ସଂଶୋଧନ ଅନୁଯାୟୀ ପ୍ରସ୍ତାବ ଦିଆଯାଇଛି ।

### ଅଧସ୍ତନ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା

ଯେପର୍ଯ୍ୟନ୍ତ ଉପକୂଳ ଜୀଳଜୀବପାଳନ ବୈଜ୍ଞାନିକ ପଦ୍ଧତିରେ ନଜର ନ ରଖାଯାଇଛି ଏବଂ ଉଚିତ ବାଟରେ ପରିଚାଳିତ ନ ହୋଇଛି, ସେପର୍ଯ୍ୟନ୍ତ ଏହା ଏକ ସ୍ଥାୟୀ କାର୍ଯ୍ୟକଳାପ ହେବ ନାହିଁ ଏବଂ ଉପକୂଳବର୍ତ୍ତୀ ଅଂଚଳରେ ପରିବେଶ ତଥା ସାମାଜିକ ଚିନ୍ତା ସୃଷ୍ଟି କରିବ । ତେଣୁ ସିଏଏ ଦ୍ୱାରା ସମଗ୍ର ଦେଶର ସମୁଦ୍ରତଟବର୍ତ୍ତୀ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳରେ ଉପକୂଳ ଜଳଜୀବପାଳନ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବାର ଏକ ବଡ଼ ଦାୟିତ୍ୱ ବହନ କରୁଛି । ଉପକୂଳ ଜଳଜୀବପାଳନ ବିକାଶରେ ତ୍ୱରାନ୍ୱିତତା, ଏହାର ପରିମାଣ ଏବଂ ଏକ ଶକ୍ତିଶାଳୀ ପ୍ରତିଷ୍ଠାନର ସ୍ଥାପନର ଆବଶ୍ୟକତା ସିଏଏ ପ୍ରକ୍ରିୟା ସମୟରେ ପୂର୍ବାନୁମାନ କରାଯାଇନଥିଲା । ପରିବର୍ତ୍ତିତ ଜଳଜୀବପାଳନର ଦୃଶ୍ୟ ଉପକୂଳ ଜଳଜୀବ ପାଳନ କାର୍ଯ୍ୟକଳାପର କଠୋର ନିୟମାବଳୀ ଏବଂ ମନିଟରିଂ ତଥା ପରିବେଶ ସୁରକ୍ଷା ତଥା ଉତ୍ପାଦନ ସ୍ଥିରତାକୁ ସୁନିଶ୍ଚିତ କରିବାରେ କୋଷ୍ଟାଲ ଆକ୍ୱାକଲଚର ପ୍ରାଧିକରଣର ଦାୟିତ୍ୱ ବିଭିନ୍ନ ଉପକୂଳବର୍ତ୍ତୀ ରାଜ୍ୟ, କେନ୍ଦ୍ରଶାସିତ ଅଂଚଳରେ ପ୍ରାଧିକରଣର ଆଂଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା କରି ଉପକୂଳ ଜଳଜୀବପାଳନ

ପ୍ରାଧିକରଣକୁ ଯଥେଷ୍ଟ ମଜବୁତ କରିବା ଆବଶ୍ୟକ ରହିଛି । ଜନସାଧାରଣଙ୍କ ବୃହତ ସ୍ୱାର୍ଥରେ ଦେଶରେ ଉପକୂଳ ଜଳଜୀବ ପାଳନ କାର୍ଯ୍ୟକଳାପକୁ ବିକେନ୍ଦ୍ରୀକରଣ ଏବଂ ନିୟନ୍ତ୍ରଣ କରିବା ପାଇଁ ଆଂଚଳିକ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି । ତେଣୁ କର୍ତ୍ତୃପକ୍ଷଙ୍କ ପାଇଁ 'ଅଧିନସ୍ଥ କାର୍ଯ୍ୟାଳୟ' ପ୍ରତିଷ୍ଠାକୁ ଅନ୍ତର୍ଭୁକ୍ତ କରିବା ପାଇଁ ସିଏଏ ଅଧିନିୟମର ଧାରା ୪(୨) କୁ ସଂଶୋଧନ କରିବାକୁ ପ୍ରସ୍ତାବ ଦିଆଯାଇଛି ।

### ପ୍ରାଧିକରଣର ନିୟମିତ ଅଧକ୍ଷଙ୍କ ଅନୁପସ୍ଥିତର ପ୍ରାଧିକରଣ ସଭାଗୁଡ଼ିକର ପ୍ରସ୍ତାବକୁ ମଞ୍ଜୁର କରିବା

ଜଳଜୀବ ପାଳନ କାର୍ଯ୍ୟକଳାପରେ ପଞ୍ଜିକରଣ ପ୍ରଦାନ କର୍ତ୍ତୁପକ୍ଷ ଅଧକ୍ଷଙ୍କ ଅନୁପସ୍ଥିତ ବାଧା ସୃଷ୍ଟି କରିପାରେ । ଅଧକ୍ଷଙ୍କ ଅନୁପସ୍ଥିତିର ପ୍ରାଧିକରଣ ସଭାଗୁଡ଼ିକର ଆଚରଣବିଧି ସଂପର୍କରେ ଆଇନରେ ଥିବା ଅସ୍ୱଷ୍ଟତାକୁ ଦୂର କରିବା ପାଇଁ, କିମ୍ବା ଅଧକ୍ଷପଦ ଖାଲି ପଡ଼ିଥିବାବେଳେ, ଆଇନରେ ଏକ ସ୍ୱଷ୍ଟ ବ୍ୟବସ୍ଥା କରିବାକୁ ସଂଶୋଧନ ପ୍ରସ୍ତାବ ଦିଆଯାଇଛି । ପ୍ରାଧିକରଣ ବୈଠକର ଅଧକ୍ଷଙ୍କ ଅନୁପସ୍ଥିତିରେ ଅଧକ୍ଷ ପ୍ରାଧିକରଣ ବୈଠକରେ ଥିବା ଯେକୌଣସି ସଭ୍ୟଙ୍କୁ ଅଧ୍ୟକ୍ଷତା କରିବାକୁ ଅନୁମତି ଦେଇପାରିବେ । ଫଳରେ ନିୟମିତ ଅଧକ୍ଷଙ୍କ ଅନୁପସ୍ଥିତିରେ ପ୍ରାଧିକରଣର ବୈଠକ ଡ଼କାଯାଇପାରିବ ।

### ଦକ୍ଷତାରସହ କର୍ତବ୍ୟ ଅନୁପାଳନ ପାଇଁ କମିଟି ଗଠନ କରିବାକୁ ପ୍ରାଧିକରଣକୁ କ୍ଷମତା ପ୍ରଦାନ କରିବା ବ୍ୟବସ୍ଥା

ଦକ୍ଷତାର ସହ କର୍ତବ୍ୟ ଅନୁପାଳନ କରିବା ଏବଂ ଅଧିନିୟମ ଅନୁଯାୟୀ ଏହାର କାର୍ଯ୍ୟକାରିତା ପାଇଁ କମିଟି ଗଠନ କରିବାକୁ ପ୍ରାଧିକରଣକୁ ସ୍ୱଷ୍ଟ ଭାବରେ କ୍ଷମତା ପ୍ରଦାନ କରିବାକୁ ଆଇନରେ ଏକ ସଂଶୋଧନ ପ୍ରସ୍ତାବ ଦିଆଯାଇଛି । ଏହା ଜଳଜୀବପାଳନ କାର୍ଯ୍ୟକଳାପର ପଞ୍ଜିକରଣର ନିରିକ୍ଷଣ ଓ ତଦାରଖ ସହ ତ୍ୱରିତ ଶେଷ କରିବାକୁ ନିଶ୍ଚିତ କରିବ । ଅଧିକନ୍ତୁ, ପ୍ରାଧିକରଣ ଏହି କମିଟିଗୁଡ଼ିକ ମାଧ୍ୟମରେ ବିଶେଷଜ୍ଞଙ୍କ ଉପଦେଶ ନେଇପାରିବେ ।

### ସଦସ୍ୟ ସଚ୍ଚୀବ ହେବେ ପ୍ରାଧିକରଣର ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ

ପ୍ରଚଳିତ ଅଧିନିୟମ ଅନୁଯାୟୀ ସିଏଏ ର ସଦସ୍ୟ ସଚିବଙ୍କ ଭୂମିକା ଏବଂ ଦାୟିତ୍ୱ ବର୍ଣ୍ଣନା କରାଯାଇ ନାହିଁ । ତେଣୁ ତାଙ୍କର ଭୂମିକା ଏବଂ ଦାୟିତ୍ୱକୁ ବିସ୍ତାରିତ ଭାବରେ ବର୍ଣ୍ଣନା କରିବା ସହ ତାଙ୍କୁ ସଶକ୍ତିକରଣ କରିବା ସହ କାର୍ଯ୍ୟ କରିବାପାଇଁ ସ୍ୱଷ୍ଟ ଅଧିକାର ଦେବା ଏହି ସଂଶୋଧନରେ ବ୍ୟବସ୍ଥା କରାଯାଇଛି । ଏଥିରେ ସଦସ୍ୟ ସଚ୍ଚୀବ

ମୁଖ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ ହେବେ । କାର୍ଯ୍ୟଗୁଡ଼ିକର ସୁନିୟନ୍ତ୍ରଣ, ସମନ୍ୱୟ ଏବଂ ଅଧିନିୟମ ମ୍ୟାଣ୍ଡେଟ୍ କାର୍ଯ୍ୟକ୍ରମ ଗୁଡ଼ିକୁ ସଂପାଦନ କରିବା ନିମନ୍ତେ ଭାରତ ସରକାରଙ୍କ ସର୍ବନିମ୍ନ ଯୁଗ୍ମ ସଚ୍ଚୀବ ର୍ୟାଙ୍କ ର ହୋଇଥିବେ ।

## ପ୍ରାଧିକରଣର କାର୍ଯ୍ୟଗୁଡ଼ିକର ବ୍ୟାପକ ବିସ୍ତାର

ଅଧିନିୟମର ଚତୁର୍ଥ ଅଧ୍ୟାୟ ଏହି ଅଧିନିୟମ ଅନୁଯାୟୀ ପ୍ରତିଷ୍ଠିତ ତଟବର୍ତୀ ଜଳଜୀବପାଳନ ପ୍ରାଧିକରଣକୁ କ୍ଷମତା ଏବଂ କାର୍ଯ୍ୟାବଳୀ ପ୍ରଦାନ କରିଥାଏ, ଯାହା ଉପକୂଳବର୍ତୀ ଅଂଚଳରେ ଜଳଜୀବପାଳନ କାର୍ଯ୍ୟକଳାପର ପରିଚାଳନା ବ୍ୟୟବହୁଳ ଜଳଜୀବ ପାଳନ ପ୍ରତିଷ୍ଠାନଗୁଡ଼ିକୁ ଯାଂଚ କରିବା, ଉପକୂଳ ଜଳଜୀବପାଳନ ଫାର୍ମଗୁଡ଼ିକୁ ପଞ୍ଜୀକରଣ କରିବା, ପ୍ରଦୂଷଣ ସୃଷ୍ଟି କରୁଥିବା ଉପକୂଳ ଜଳଜୀବପାଳନ ପ୍ରତିଷ୍ଠାନ ଗୁଡ଼ିକୁ ଅପସାରଣ କିମ୍ବା ଭାଙ୍ଗିବାକୁ ନିର୍ଦ୍ଦେଶ ଦେବା, ହ୍ୟାଚେରୀ, ଉପକୂଳର ଜଳଜୀବପାଳନ ଫାର୍ମର ପଞ୍ଜିକରଣ ଇତ୍ୟାଦି ହ୍ୟାଚେରୀ, ନ୍ୟୁକ୍ଲିୟସ୍ ପ୍ରଜନନ କେନ୍ଦ୍ର (ଏନ୍‌ବିସି), ବ୍ରୁଡ଼ ଷ୍ଟକ୍ ମଲ୍ଟିପ୍ଲିକେସନ୍ ସେଂଟର (ବିଏମସି) ଏବଂ ଆକ୍ୱାକଲଚର ଇନପୁଟ ପ୍ରଦାନ କରିବା ପାଇଁ ଆଇନର ପରିବର୍ତିତ ପରିସର ଏବଂ ନିୟମର ପ୍ରୟୋଗ ସହିତ ପ୍ରାଧିକରଣର କାର୍ଯ୍ୟ ଅନୁଯାୟୀ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି । ସିଏଏ ଦ୍ୱାରା ଦିଆଯାଇଥିବା ସମସ୍ତ ପଞ୍ଜୀକରଣ କିମ୍ବା ପ୍ରମାଣପତ୍ରର ବୈଧତା ଅବଧିରେ ନମନୀୟତା ।

ପଞ୍ଜୀକରଣର ବୈଧତା ଅବଧି ସମୀକ୍ଷା କରିବାକୁ ହିତାଧିକାରୀମାନେ ଦାବି କରିଆସୁଛନ୍ତି ଯାହା ବର୍ତମାନ ୫ ବର୍ଷରେ ସ୍ଥିର ହୋଇଛି । କେତେକ ହିତାଧିକାରୀ ପଞ୍ଜିକରଣର ଅବଧି କିମ୍ବା ଗୋଟିଏ ଥର ପଞ୍ଜିକରଣ ପାଇଁ ଦାବି କରୁଥିବାବେଳେ, କେତେକ କୋଣରୁ ପଞ୍ଜିକରଣ ର ଅବଧି ବୈଧତା ଅବଧି ହ୍ରାସ କରିବା ପାଇଁ ମଧ ଦାବି ରହିଛି । ସରକାର ତଦନୁସାରେ, ପ୍ରଚଳିତ ଅଧିନିୟମରେ ଧାର୍ଯ୍ୟ ହୋଇଥିବା ବର୍ଷ ଅବଧି ଅପେକ୍ଷା କ୍ଷେତ୍ରୀୟ ଆବଶ୍ୟକତା ତଥା ବିଦ୍ୟମାନ ପରିସ୍ଥିତି ଉପରେ ଆଧାର କରି ନିୟମରେ ଏହାର ନବୀକରଣ ସହିତ ପଞ୍ଜୀକରଣର ବୈଧତାର କାର୍ଯ୍ୟକାଳ ସ୍ଥିର କରିବାକୁ ପ୍ରାଧିକରଣକୁ ଅଧିକାର ପ୍ରଦାନ କରିବାକୁ ଅଧିନିୟମରେ ଉପଯୁକ୍ତ ସଂଶୋଧନ ପ୍ରସ୍ତାବ ଦିଆଯାଇଛି । ଏହା ଉପକୂଳ ଜଳଜୀବପାଳନ ଫାର୍ମ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପର ପଞ୍ଜିକରଣ କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ଦୂର କରିବ ।

## ନୋ ଡ଼େଭଲପମେଂଟ ଜୋନ ମଧ୍ୟରେ ହ୍ୟାଚେରୀ, ବିଏମ୍ସି, ଏନ୍‌ବିସି, ପିଞ୍ଜରା ମଧ୍ୟରେ ଚାଷକୁ ଅବ୍ୟାହତି ବା ଛାଡ଼

ସିଏଏ ଅଧିନିୟମ ୨୦୦୫ ଧାରା ୧୩(୮) ରେ ସ୍ଥଳଭାଗ ଆଡ଼କୁ ହାଇଟାଇଡ଼ ଲାଇନ୍ ବା ଉଚ୍ଚ ଜୁଆର ରେଖା ଠାରୁ ୨୦୦ ମିଟର ଦୂରରେ ଏବଂ ଉପକୂଳ ନିୟନ୍ତ୍ରିତ ଜୋନ୍ (ସିଆର୍‌ଜେଡ଼୍) ମଧ୍ୟରେ ଥିବା ସାମୁଦ୍ରିକ ଶାଖା, ନଦୀ ଓ ପଛୁଆ ପାଣି ଅଂଚଳରେ ଥିବା 'ନୋ ଡ଼େଭଲ୍‌ମେଂଟ୍ ଜୋନ' ମଧ୍ୟରେ ଉପକୂଳ ଜଳଜୀବପାଳନ ନିଷେଧ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସରକାରଙ୍କ ସିଆର୍‌ଜେଡ଼୍ ରେଗୁଲେସନ୍ ନୋଟିଫିକେସନ ହେବାଠାରୁ ଉପକୂଳ ଜଳଜୀବପାଳନ ହାଚେରୀ କାର୍ଯ୍ୟକଳାପକୁ ଛାଡ଼ କରାଯାଇଛି । ସିଏଏ ଅଧିନିୟମ ଧାରା ୧୩(୮)ରେ ଯାହା ଚାଷକୁ ବାରଣ କରାଯାଇଛି । ତାହା ହାଚେରୀ ପାଇଁ ପ୍ରଜ୍ୟୁଜ ବୋଲି ଭୁଲ ଅର୍ଥ କରାଯାଇଛି । ଅଧିକନ୍ତୁ ସରକାର ଏବେ ସାମୁଦ୍ରିକ ତୃଣଚାଷ, ପିଞ୍ଜରାରେ ଚାଷ ପାଇଁ ପ୍ରୋତ୍ସାହନ ଦେଉଛନ୍ତି । ତେଣୁ ଧାରା ୧୩(୮) ରୁ ଏପରି କାର୍ଯ୍ୟକଳାପ ଗୁଡ଼ିକୁ ଛାଡ଼ କରିବାକୁ ପ୍ରସ୍ତାବ ଦିଆଯାଇଛି ।

## ଉପକୂଳ ଜଳଜୀବପାଳନ ସିଆର୍‌ଜେଡ଼୍ ବିଜ୍ଞପ୍ତିର ପ୍ରୟୋଗ ଉପରେ ସ୍ୱଷ୍ଟତା ଆଣିବା ପାଇଁ ବୈଧତା ବିଭାଗର ସଂଶୋଧନ

ପରିବେଶ (ସୁରକ୍ଷା) ଅଧିନିୟମ ୧୯୮୬ ଧାରା ୩(୧) ଏବଂ ଧାରା ୩ (୨)(ଭି) ଏବଂ ଅଧିନିୟମ ୫(୩) (ଡ଼ି) କୋଷ୍ଟାଲ ରେଗୁଲେସନ୍ ଜୋନ୍ (ସିଆର୍‌ଜେଡ଼୍) ଏବଂ ସିଆର୍‌ଜେଡ଼୍ ର ନିୟନ୍ତ୍ରିତ କାର୍ଯ୍ୟକଳାପ ଅଂଚଳ ପର୍ଯ୍ୟନ୍ତ ଉପକୂଳ ବସ୍ତୃତ ମାତ୍ର ଉପକୂଳ ଜଳଜୀବପାଳନ ଅଧିନିୟମ-୨୦୦୫ ଧାରା ୨୭ ଏହା ସିଆର୍‌ଜେଡ଼୍ ଅନ୍ତର୍ଭୁକ୍ତ ନୁହେଁ । ଷ୍ଟେଟ୍‌ମେଂଟ୍‌ଅଫ୍ ଅବଜେକ୍ଟସ୍ ଏବଂ କୋଷ୍ଟାଲ ଆକ୍ୱାକଲଚର ଅଥରଟି ଆକ୍ଟ ୨୦୦୫ ସ୍ଥାପନର କାରଣରୁ ବୁଝାପଡ଼େଯେ ସିଏଏ ଧାର ୨୦୦୫ ପ୍ରଣୟନ ବେଳେ ଉପକୂଳ ଜଳଜୀବପାଳନ କୁ ଏକ ନିଷେଧ କାର୍ଯ୍ୟକଳାପ ଭାବରେ ସିଆର୍‌ଜେଡ଼୍ ନୋଟିଫିକେସନରେ ନଥିଲା । ଶ୍ରମିକ ନିଯୁକ୍ତି ଏବଂ ଏହି କ୍ଷେତ୍ରରେ ପୂର୍ବରୁ ହୋଇଥିବା ପୁଞ୍ଜିଲଗଣାକୁ ନିରାପଦ କରିବା, ପରିବେଶ ସୁରକ୍ଷା ସହ ଭବିଷ୍ୟତରେ ଜଳଜୀବପାଳନକୁ ବୃଦ୍ଧି କରିବାକୁ ସରକାରଙ୍କ ଲକ୍ଷ୍ୟ, ଉପରଲିଖିତ ଲକ୍ଷ୍ୟକୁ ହାସଲ କରିବା ଓ ସମସ୍ତ ସଂଦେହକୁ ଦୂରୀଭୂତ କରିବା ପାଇଁ ସିଆର୍‌ଜେଡ଼୍ ନୋଟିଫିକେସନ୍‌କୁ ସଂଶୋଧନ କରାଯାଉଛି ଏବଂ ସ୍ୱଷ୍ଟ କରାଯାଉଛି ଯେ ସିଆର୍‌ଜେଡ଼୍ ନୋଟିଫିକେସନରେ

ଜଳଜୀବପାଳନ ଏକ ନିଷେଧ କାର୍ଯ୍ୟ ନୁହେଁ । ଯାହାହେଉ ସିଏଏ ଧାରା ୨୭ ରେ ଥିବା ଅସ୍ପଷ୍ଟତା କାରଣରୁ ସରକାରଙ୍କ ଉଦ୍ଦେଶ୍ୟକୁ ଭୁଲ ଭାବରେ ବ୍ୟାଖ୍ୟା କରାଯାଇଛି । ଉପକୂଳ ଜଳଜୀବପାଳନ କ୍ଷେତ୍ରରେ ସିଆର୍‌ଜେଡ୍ ନିୟାମନକୁ କାର୍ଯ୍ୟକାରିତା ଜଳ କୃଷକ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ନିୟମର ନକଲ ଏବଂ ଉତ୍ପିଡ଼ନ କରିବ । ତେଣୁ ଅସ୍ପଷ୍ଟତାକୁ ଦୂର କରିବା ଏବଂ ସ୍ୱଚ୍ଛତା ଆଣିବା ପାଇଁ ଧାରା ୨୭ (ସଂଶୋଧନ) ର ଧାରା ୩ (୧) ଏବଂ ପରିବେଶ ସୁରକ୍ଷା ଅଧିନିୟମ, ୧୯୮୬ ଏବଂ ନିୟମ ୫(୩) (ଡ଼ି) ପରିବେଶ ସୁରକ୍ଷା ନିୟମ, ୧୯୮୬ ଧାରା ୩(୨)(ଭି) ଅନୁଯାୟୀ ଜାରି କରାଯାଇଥିବା ସିଆର୍‌ଜେଡ୍ ବିଜ୍ଞପ୍ତିର ପୂର୍ବାବଲୋକନରୁ ଉପକୂଳ ଜୀବପାଳନକୁ ମୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି ।

## ନବୀକରଣ ଆବେଦନ ଦାଖଲ କରିବାରେ ହୋଇଥିବା ବିଳମ୍ବକୁ କ୍ଷମା କରାଯିବ

ବିଭିନ୍ନ କାରଣ ପାଇଁ ପଞ୍ଜିକରଣ ନବୀକରଣ ପାଇଁ ଆବେଦନ ପତ୍ର ଦାଖଲ କରିବାରେ ବିଳମ୍ବକୁ ଚକ୍ରବୃଦ୍ଧି ହାରରେ ଅର୍ଥ ପୈଠ କରିବାପରେ କ୍ଷମା କରି ନିରନ୍ତର ନିୟନ୍ତ୍ରିତ ଏବଂ ଉପକୂଳ ଜଳକୃଷି କାର୍ଯ୍ୟକଳାପ ଉପରେ ଅଭିଯୋଗର ଶୁଣାଣୀକୁ ସୁନିଶ୍ଚିତ କରାଯିବ ।

## ବିକୃତି, କ୍ଷୟକ୍ଷତି ଏବଂ ପରିବର୍ତ୍ତନ ଇତ୍ୟାଦି ପାଇଁ ନୂତନ ପ୍ରମାଣପତ୍ର ପ୍ରଦାନ ବ୍ୟବସ୍ଥା

ମାଲିକାନା କିମ୍ବା କାର୍ଯ୍ୟକଳାପର ପରିବର୍ତ୍ତନ ହେଲେ ପୁନଃ ପଞ୍ଜୀକରଣର ବର୍ତ୍ତମାନ ନିୟମ ପଞ୍ଜିକରଣ ପ୍ରକ୍ରିୟାକୁ ବହୁତ ବିଳମ୍ବ କରୁଛି । ବର୍ତ୍ତମାନର ସଂଶୋଧନ, ମାଲିକାନ କିମ୍ବା କାର୍ଯ୍ୟକଳାପ ଆକାରରେ ପରିବର୍ତ୍ତନ ଏବଂ ବିକୃତ କ୍ଷୟ, କ୍ଷତି କ୍ଷେତ୍ରରେ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରିଥାଏ ।

## ଆଇନର ନିରପରାଧୀକରଣ

ସିଏଏ ଆକ୍ଟ ୨୦୦୫ ର ଧାରା ୧୪ ରେ ସିଏଏ ଆକ୍ଟ ୨୦୦୫ ଅନୁଯାୟୀ ପଞ୍ଜୀକରଣ ନକରି ଉପକୂଳ ଜଳଜୀବପାଳନ କାର୍ଯ୍ୟ କରୁଥିଲେ ଦଣ୍ଡବିଧାନ ପ୍ରଦାନ ବ୍ୟବସ୍ଥା କରାଯାଇଛି । ଏହି ଆକ୍ଟ ବଳରେ ୧ ବର୍ଷ ରୁ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡର ବ୍ୟବସ୍ଥା କିମ୍ବା ଜରିମାନ ଯାହାକି ୧ ଲକ୍ଷ ଟଙ୍କା କିମ୍ବା ଉଭୟ ଲାଗୁ ହୋଇପାରେ । କୃଷକ ଏବଂ ଅନ୍ୟ ହିତାଧିକାରୀମାନେ ମତ ଦେଇଛନ୍ତି ଯେ ବିନା ପଞ୍ଜିକରଣ ଚାଷ ପାଇଁ ୩ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡର ବ୍ୟବସ୍ଥା ଏକ କଠୋର ଦଣ୍ଡ ଅଟେ ଏବଂ ବିକଳ୍ପ ଦଣ୍ଡବିଧାନ ବ୍ୟବସ୍ଥା ସହିତ ଏହାର ସମୀକ୍ଷା କରାଯିବା ଆବଶ୍ୟକ ।

ଅଧିକନ୍ତୁ ଜଳଜୀବପାଳନ ହେଉଛି କୃଷକମାନଙ୍କ ଦ୍ୱାରା ନିଆଯାଇଥିବା ଏକ କୃଷି କାର୍ଯ୍ୟକଳାପ ଏବଂ ପଞ୍ଜୀକରଣ ନକରିବା ଅପରାଧକୁ ଅନ୍ୟାୟ ବୋଲି ଧରାଯାଏ । ଏହା ସୂଚିତ କରାଯାଇଛି ଯେ ୧୭ ବର୍ଷ ପୂର୍ବେ ସିଏଏ ଅଧିନିୟମ ପ୍ରଣୟନ କରାଯାଇଥିଲା । ବିଗତ ୧୭ ବର୍ଷ ମଧ୍ୟରେ ଏହି ଆଇନର ଧାରା ୧୪ କୁ କେବେ କାର୍ଯ୍ୟକାରୀ କରାଯାଇନାହିଁ । ଏହି ବ୍ୟବସ୍ଥା ଅନାବଶ୍ୟକ ଏବଂ ପୁନଃ ସମୀକ୍ଷା ପାଇଁ ଉପଯୁକ୍ତ ଅଟେ । ବିଭିନ୍ନ ନିୟମ ଅନୁଯାୟୀ ଛୋଟ ଛୋଟ ଅପରାଧକୁ ଅପରାଧୀକରଣ କରିବା ପାଇଁ ସରକାରଙ୍କ ଦ୍ୱାରା କରାଯାଉଥିବା ପ୍ରୟାସକୁ ଦୃଷ୍ଟିରେ ରଖି ଜେଲ ବ୍ୟବସ୍ଥାକୁ ହଟାଇବା ପାଇଁ ସିଏଏ ଆକ୍ଟ ୨୦୦୫ ର ଧାରା ୧୪ ସଂଶୋଧନ କରି ସିଏଏ ଆକ୍ଟ ୨୦୦୫ କୁ ନିରପରାଧୀକରଣ କରିବାକୁ ପ୍ରସ୍ତାବ ଦିଆଯାଇଛି । ତେବେ ଏହି ନିୟମ ଅନୁଯାୟୀ କାରାଦଣ୍ଡ ବଦଳରେ ଅର୍ଥ ଏବଂ ଅନ୍ୟାନ୍ୟ ଦଣ୍ଡର ମିଶ୍ରଣ ପ୍ରସ୍ତାବ ଦିଆଯାଇଛି । ପଞ୍ଜୀକରଣ ନକରିବା ଏବଂ ନିୟମାବଳୀକୁ  ପାଳନ ନକରିବା ପାଇଁ ପ୍ରସ୍ତାବିତ ବିକଳ୍ପ ଦଣ୍ଡବିଧାନ ଏହି ଉଦ୍ଦେଶ୍ୟରେ ଅନୁମୋଦିତ ଅଧିକାରୀଙ୍କ ଦ୍ୱାରା ବିଚାର କରାଯିବ ଏବଂ ଲାଗୁ କରାଯିବ । ଅର୍ଥ ଜୋରିମାନା ପ୍ରସ୍ତାବ ଦେବାବେଳେ ସ୍ୱଚ୍ଛତା ଏବଂ ଅବଜେକ୍ଟିଭ୍ ଦଣ୍ଡବିଧାନ ପରିମାଣରେ ଅଣାଯାଇଛି ଯାହାଦ୍ୱାରା ସରକାରୀ ବିବେକ ହଟାଯିବ । କ୍ଷୁଦ୍ର ଚାଷୀଙ୍କୁ ଅଯଥା ଭାର ନଦେବା ପାଇଁ ଜୋରିମାନ ପରିମାଣର ପ୍ରସ୍ତାବ ଦେବାବେଳେ ଯତ୍ନ ନିଆଯାଇଛି । ଏହା ଉଲ୍ଲେଖ କରିବା ପ୍ରଯୁଜ୍ୟ ଯେ ଗାଇଡ଼ଲାଇନ ମାଧ୍ୟମରେ ପ୍ରାଧିକରଣର ନିୟାମକ ଢାଂଚାରେ ସତର୍କତା ସହିତ ନୀତିଗୁଡ଼ିକ ସନ୍ନିବେଶିତ ହୋଇଛି । ଏହା ପ୍ରକୃତି ସହିତ ଭାରତରେ ଉପକୂଳ ଜଳଜୀବପାଳନ ସମ୍ଭାବନାକୁ ବ୍ୟବହାର କରିବା ଏବଂ ମାନବସମାଜ ପାଇଁ ଶସ୍ତା ଏବଂ ନିରାପଦ ପ୍ରୋଟିନ୍‌ର ନିରନ୍ତର ଉତ୍ପାଦନ ବୃଦ୍ଧି ପାଇଁ ଏକ ପଥ ପରିଷ୍କାର କରିବ ।

ସ୍ୱାଃ
ଡ଼ଃ. ଜେ.ବାଲାଜୀ, (ଭାପ୍ରସେ)
ଯୁଗ୍ମସଚିବ, ଭାରତ ସରକାର
ଇମେଲ:ଜେଏସ୍‌ଏଫ୍‌ୱାଇ@ଏନ୍‌ଆଇସି.ଇନ୍